ସମାଜ
The Samaja
ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ

# ଆଇଆଇଟିରେ ଅନଲାଇନ ପରୀକ୍ଷା

ଜଟଣୀ,୨୩।୫(ନି.ପ୍ର): ଆଇଆଇଟିରେ ଅନ୍ ଲାଇନରେ ସମସ୍ତ ପରୀକ୍ଷା ଆରମ୍ଭ କରାଯାଇଛି। କୋଭିଡ୍ ୧୯ ଓ ଲକ୍ ଡ଼ାଉନ ଯୋଗୁ ଛାତ୍ରଛାତ୍ରୀ ଘରେ ରହିଛନ୍ତି। କ୍ଲାସ ଟେଷ୍ଟ ଓ ସେମିଷ୍ଟାର ପରୀକ୍ଷା ଅନଲାଇନରେ କରାଯାଉଛି। ଲ୍ୟାପଟପ, କମ୍ପ୍ୟୁଟର ଜରିଆରେ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଦେଶରେ ବିଭିନ୍ନ ରାଜ୍ୟରେ ଥିବା ୨୪୦ ଜଣ ଛାତ୍ରଛାତ୍ରୀ ୩୧୯ଟି ବିଷୟରେ ପରୀକ୍ଷା ଦେଉଛନ୍ତି। ଆଇଆଇଟି ପରିସରରୁ ୨୦ ଜଣ ପରୀକ୍ଷକ ଏହି ବ୍ୟବସ୍ଥାକୁ ମନିଟରିଂ କରୁଛନ୍ତି। ଲ୍ୟାପଟପ, କମ୍ପ୍ୟୁଟର ଓ ଇଣ୍ଟରନେଟ ସୁବିଧା ନଥିବା ଛାତ୍ରଛାତ୍ରୀଙ୍କ ସର୍ଭେ କରାଯାଇଛି। କ୍ୟାମ୍ପସକୁ ଫେରିବା ପରେ ସେମାନଙ୍କ ପାଇଁ ପରୀକ୍ଷା ବ୍ୟବସ୍ଥା କରାଯିବ ବୋଲି ଆଇଆଇଟି ସୂଚନା ଦେଇଛି।